# Official Spokesperson's response to media queries regarding the resolution passed by Pakistan National Assembly regarding ‘Delimitation in the UT of J&K'

May 17, 2022

## ‘ଜାମ୍ମୁ ଓ କାଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳରେ ଡିଲିମିଟେସନ' ସନ୍ଦର୍ଭରେ ପାକିସ୍ତାନ ସଂସଦ ଦ୍ୱାରା ପାରିତ ସଂକଳ୍ପକୁ ନେଇ ଗଣମାଧ୍ୟମ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

ମଇ 17, 2022

**‘ଜାମ୍ମୁ ଓ କାଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳରେ ଡିଲିମିଟେସନ' ସନ୍ଦର୍ଭରେ ପାକିସ୍ତାନ ସଂସଦ ଦ୍ୱାରା ପାରିତ ସଂକଳ୍ପ ଉପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ ବାଗଚି କହିଛନ୍ତି:**

"ଭାରତର କେନ୍ଦ୍ର ଶାସିତ ଅଞ୍ଚଳ ଜାମ୍ମୁ ଓ କାଶ୍ମୀରରେ ଡିଲିମିଟେସନ କାର୍ଯ୍ୟ ପ୍ରସଙ୍ଗରେ ପାକିସ୍ତାନ ସଂସଦ ଦ୍ୱାରା ପାରିତ ହୋଇଥିବା ହାସ୍ୟାସ୍ପଦ ସଂକଳ୍ପକୁ ଆମେ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରୁଛୁ।
ପାକିସ୍ତାନର ବେଆଇନ ତଥା ଜବରଦଖଲରେ ଥିବା ଭାରତୀୟ ଅଞ୍ଚଳ ସମେତ ଭାରତର ଆଭ୍ୟନ୍ତରୀଣ ବିଷୟ ଉପରେ କହିବା କିମ୍ବା ହସ୍ତକ୍ଷେପ କରିବାର ପାକିସ୍ତାନର କୌଣସି ଅଧିକାର ନାହିଁ।
ଜାମ୍ମୁ ଓ କାଶ୍ମୀର ଏବଂ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳର ସମଗ୍ର ଅଞ୍ଚଳ ସର୍ବଦା ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଆସିଛି, ଅଛି ଏବଂ ରହିବ।
ଜାମ୍ମୁ ଓ କାଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳରେ ଡିଲିମିଟେସନ କାର୍ଯ୍ୟ ହେଉଛି ଏକ ଗଣତାନ୍ତ୍ରିକ କାର୍ଯ୍ୟ ଯାହା ହିତାଧିକାରୀମାନଙ୍କ ସହିତ ବ୍ୟାପକ ବିଚାର ବିମର୍ଷ ଓ ଅଂଶଗ୍ରହଣ ନୀତି ଉପରେ ଆଧାରିତ।
ଏହା ଦୁଃଖର ବିଷୟ ଯେ ନିଜ ଘରକୁ ସଜାଡ଼ିବା ପରିବର୍ତ୍ତେ ପାକିସ୍ତାନର ନେତୃତ୍ୱ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ଜାରି ରଖିଛି ଏବଂ ଭିତ୍ତିହୀନ ତଥା ଭାରତ ବିରୋଧୀ ଉତ୍ତେଜକ ପ୍ରଚାରରେ ଲିପ୍ତ ଅଛି।
ଆମେ ଦୋହରାଉଛୁ ଯେ ପାକିସ୍ତାନ ତୁରନ୍ତ ଭାରତ ବିରୋଧୀ ସୀମାପାର ଆତଙ୍କବାଦକୁ ବନ୍ଦ କରିବା ସହ ଆତଙ୍କବାଦର ଭିତ୍ତିଭୂମି ବନ୍ଦ କରୁ; ପାକିସ୍ତାନ ଅଧିକୃତ ଜାମ୍ମୁ, କାଶ୍ମୀର ଏବଂ ଲଦାଖ (ପିଓଜେକେଏଲ) ଅଞ୍ଚଳରେ ନିରନ୍ତର ଚାଲିଥିବା ମାନବାଧିକାର ଉଲ୍ଲଂଘନକୁ ବନ୍ଦ କରୁ; ପିଓଜେକେଏଲର ସ୍ଥିତିରେ କୌଣସି ମହତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ପ୍ରଭାବିତ କରିବାରୁ ନିବୃତ ରହୁ; ଏବଂ ଏହାର ବେଆଇନ ତଥା ଜବରଦଖଲରେ ଥିବା ଭାରତୀୟ ଅଞ୍ଚଳକୁ ଖାଲି କରୁ।"

**ନୂଆଦିଲ୍ଲୀ**
ମଇ 17, 2022

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.